# Akashvani, Sambalpur

## SAMBALPURI NEWS BULLETIN

### 20 April 2024- 6.47- 6.52 am.

**********************************************

ଲୋକ୍‌ସଭା ନିର୍ବାଚନ୍‌-ନାମାଙ୍କନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଲୋକ୍‌ସଭା ନିର୍ବାଚନ୍ ୨୦୨୪ ଲାଗି ୩ ନମ୍ବର୍ ଖେପର୍ ନାମାଙ୍କନ୍ ପତ୍ର ଦାଖଲ୍ କାମ୍ ଗଲାକାଏଲ୍ ବେଲ୍‌ବୁଢ଼େ ସରିଛେ । ୧୦ ଟା ରାଜ୍ୟ ଆଉ ୨ ଟା କେନ୍ଦ୍ରଶାସିତ୍ ଅଂଚଲ୍‌ର ୯୪ ଟା ସଂସଦୀୟ ଆସନ୍ ଲାଗି ଆଏବା ମେ ମାସ ୭ ତାରିଖ୍ ଦିନ ଭୋଟ୍ ହେବା । ଆଏଜ୍ ନାମାଙ୍କନ୍ ପତ୍ର ଯାଂଚ୍ କରାଯିବା ଆର୍ ଆଏବା ସୋମ୍‌ବାର୍ ଦିନ ତକ୍ ପ୍ରାର୍ଥୀମାନେ ନାମାଙ୍କନ୍ ପତ୍ର ପ୍ରତ୍ୟାହାର୍ କରିପାର୍‌ବେ ।

ପହେଲା ଖେପ୍ ମତଦାନ୍ ପ୍ରର୍ଥୀ ନାମାଙ୍କନ୍

ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ମାସ ୧୩ ତାରିଖ୍ ଦିନ ରାଏଜେ ହେବାର୍କେ ଥିବା ପହେଲା ଖେପ୍ ମତଦାନ୍ ଲାଗି ଗଲାକାଏଲ୍ତକ୍ ୧୫ ଝନ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ ବଲି ରାଜ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ ସୂଚ୍ନାନୁ ଜନାପଡ଼ିଛେ । ସେଥିର୍ଭିତ୍ରେ ୪ ଝନ୍ ଲୋକ୍ସଭା ପ୍ରାର୍ଥୀ ରହିଥିବାର୍ ବେଲେ ୧୧ ଝନ୍ ବିଧାନ୍ସଭା ପ୍ରାର୍ଥୀ ରହିଛନ୍ । ବ୍ରହ୍ମପୁର୍ନୁ ୨ ଝନ୍, ନବରଙ୍ଗ୍ପୁର୍ ଆର୍ କୋରାପୁଟ୍ନୁ ଲୋକ୍ସଭା ଆସନ୍ ଲାଗି ଝନେ ଲେଖା ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ହେଲେ କଲାହାଣ୍ଡି ଲୋକ୍ସଭା ଆସନ୍ ଲାଗି ଏଛେନ୍ତକ୍ କେନ୍ସି ଭିଲ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ ନୁହେଁ କରନ୍ ବଲି ନିର୍ବାଚନ୍ ଆୟୋଗଙ୍କର୍ ସୂଚ୍ନାନୁ ଜନାପଡ଼ିଛେ ।

ଇନ ଜନେଇ ଦିଆଯାଇପାରେ ଯେ, ପହେଲା ଖେପର୍ ନିର୍ବାଚନ୍ ଲାଗି ଚଲ୍ତି ମାସର୍ ୨୫ ତାରିଖ୍ତକ୍ ପ୍ରାର୍ଥୀମାନେ ନାମାଙ୍କନ୍ ପତ୍ର ଦାଖଲ୍ କରିପାର୍ବେ । ଆଏବା ୨୬ ତାରିଖ୍ ନାମାଙ୍କନ୍ ପତ୍ର ଯାଂଚ୍ ଆଉ ୨୯ ତାରିଖ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍ର ଶେଷ୍ ଦିନ୍ ରହିଛେ । ଇ ୪ ଟା ଲୋକ୍ସଭା ଆସନ୍ର ଭୋଟ୍ ଲାଗି ମୋଟ୍ ୭ ହଜାର୍ ୨ ଶହ ୮୯ ଟା ମତଦାନ୍ କେନ୍ଦ୍ର ଖୁଲାଯାଇଛେ ।

ଛାତ୍ର ସ୍ୱେଚ୍ଛାସେବୀ-ଭୋଟ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ହେବାର୍‌କେ ଥିବା ସାଧାରଣ ନିର୍ବାଚନ୍ ଲାଗି ଇଥର ଭୋଟ୍ କେନ୍ଦ୍ର ମାନ୍‌କେ ଛାତ୍ର ସ୍ୱେଚ୍ଛାସେବୀମାନେ ନିୟୋଜିତ ହେବେ । ଏନ୍‌ସିସି, ଏନ୍‌ଏସ୍‌ଏସ୍, ସ୍କାଉଟ୍‌ସ, ଗାଇଡ୍‌ସ, ରେଞ୍ଜର୍ ଆର୍ ରୋଭର, ୟୁଥ୍ ରେଡ୍‌କ୍ରସ୍, ଷ୍ଟୁଡେଂଟ୍ ପୁଲିସ୍ ଛାତ୍ର ସ୍ୱେଚ୍ଛାସେବୀ ମାନେ ଭୋଟ୍ ଦେବାର୍‌କେ ଆସୁଥିବା ଭିନ୍ନକ୍ଷମ ଆଉ ବରିଷ୍ଠ ନାଗରିକ୍‌ମାନ୍‌କୁ ସାହାଜ୍ କର୍‌ବେ । ଇ ବାବ୍‌ଦେ ସବୁ ଜିଲ୍ଲାର୍ ଜିଲ୍ଲା ଶିକ୍ଷାଅଧିକାରୀମାନ୍‌କୁ ଚିଠି ଜରିଏ ଜନେଇ ଦିଆଯାଇଛେ ।

ରଥଯାତ୍ରା- ସମନ୍ୱୟ ବୈଠକ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଲାଗି ପହେଲା ଖେପର୍ ସମନ୍ୱୟ ସମିତି ବୈଠକ୍ ଆଏଜ୍ ସଖାଲର୍ ୧୧ ବଜେ କେନ୍ଦ୍ରାଂଚଲ ରାଜସ୍ୱ ଆୟୁକ୍ତଙ୍କର୍ ଅଧ୍ୟକ୍ଷତାଥି ପୁରୀ ଟାଉନ୍‌ହଲ୍ ନ ହେବା । ବୈଠକ୍‌ଥି ଜିଲ୍ଲା ପ୍ରଶାସନ୍, ଶ୍ରୀମନ୍ଦିର୍ ପ୍ରଶାସନ୍ ଆର୍ ରାଜ୍ୟ ପ୍ରଶାସନ୍‌ର ଅଧିକାରୀମାନ୍‌କର୍ ସହେତେ ସେବାୟତ,

ବୁଦ୍ଧିଜୀବୀ ଆର୍ ସାମ୍ବାଦିକ୍‌ମାନେ ଯୋଗ୍ ଦେବେ । ବୈଠକ୍‌ଥି ରଥଯାତ୍ରା ଲାଗି ରଥ ତିଆରି, ମାହାପୁରୁମାନ୍‌କର୍ ନୀତିକାନ୍ତି, ଭକ୍ତମାନ୍‌କର୍ ସୁରକ୍ଷା ଆର୍ ଆଇନ୍‌ଶୃଙ୍ଖଲା ରକ୍ଷା ବାବ୍‌ଦେ ଆଲୋଚନା ହେବା ।

ଭିତରକନିକା ଜାତୀୟ ଉଦ୍ୟାନ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ମେ ମାସର୍ ୧ ତାରିଖ୍‌ନୁ ଭିତର୍‌କନିକା ଜାତୀୟ ଉଦ୍ୟାନ୍ ପର୍ଯ୍ୟଟକ୍‌ମାନ୍‌କର୍ ଲାଗି ବନ୍ଦ୍ ରହେବା ବଲି ରାଜନଗର ବନଖଣ୍ଡ ଅଧିକାରୀ ସୂଚ୍‌ନା ଦେଇଛନ୍ । ମଗରମାନ୍‌କର୍ ପ୍ରଜନନ ଋତୁ ଚାଲିଥିବାର୍‌ନୁ ଇ ପଦକ୍ଷେପ୍ ନିଆଯାଇଛେ ବଲି ବନଖଣ୍ଡ ଅଧିକାରୀ କହିଛନ୍ । ଇ ଜାତୀୟ ଉଦ୍ୟାନ୍ ଜୁଲାଇ ମାସର୍ ୩୧ ତାରିଖ୍‌ତକ୍ ବନ୍ଦ୍ ରହେବା ।

ଆୟୁର୍ବେଦିକ୍ ହୋମିଓପାଥିକ୍ ମେଡ଼ିକାଲ୍ ଅଫିସର୍ ନିଯୁକ୍ତି

ଆର୍‌ଏନ୍‌ୟୁ / ସମ୍ବଲପୁର

ଆୟୁର୍ବେଦିକ୍ ଆଉ ହୋମିଓପାଥିକ୍ ମେଡ଼ିକାଲ୍ ଅଫିସର୍ ନିଯୁକ୍ତି ଲାଗି ହେଇଥିବା ପରୀକ୍ଷାର ଫଲ୍ ଗଲାକାଏଲ୍ ବାହାରିଛେ । ଆୟୁର୍ବେଦିକ୍ ମେଡ଼ିକାଲ୍ ଅଫିସର୍ ପରୀକ୍ଷାଥି ୪ ଶହ ୨୮ ଝନ୍ ଆର୍ ହୋମିଓପାଥିକ୍ ମେଡ଼ିକାଲ୍ ଅଫିସର୍ ପରୀକ୍ଷାଥି ୩ ଶହ ୧୯ ଝନ୍ ପାସ୍ କରିଛନ୍ ।

ଜଲସାଥୀ ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ଆର୍ ୱାଟ୍‌କୋ ତର୍‌ଫୁ ୪୧ ଟା ୱାର୍ଡ଼ ଲାଗି ୩୨ ଝନ୍ ଜଲସାଥୀଙ୍କୁ ନିଯୁକ୍ତି ଦିଆଯାଇଛେ । ପିଇବା ପାନି ସମସ୍ୟାର୍ ସମାଧାନ୍ ଲାଗି ମହାନଗର୍ ନିଗମ୍ ଆର୍ ୱାଟ୍‌କୋ ତର୍‌ଫୁ ୨୪ ଘଂଟିଆ ନିୟନ୍ତ୍ରଣ୍ କକ୍ଷ ଖୁଲାଯାଇଛେ । ଜଲସାଥୀମାନେ ପିଇବା ପାନିର୍ ସମସ୍ୟାର ସମାଧାନ୍ ୨୪ ଘଂଟା ଭିତ୍‌ରେ କର୍‌ବେ ବଲି ପ୍ରଶାସନ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ସବୁ ୱାର୍ଡ଼ ନ ପୋଷ୍ଟର୍ ଜରିଏ ଜଲସାଥୀମାନ୍‌କର୍ ନାଁ ଆର୍ ଫୋନ୍ ନମ୍ବର୍ ଦିଆଯାଇଛେ ।

ଖରାଛୁଟି- ମିଛ୍ ଖବର୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଜବର୍ ଖରା ହେଉଥିବାର୍‌ନୁ ରାଜ୍ୟ ସର୍କାର୍ ସବୁ ସର୍କାରୀ, ସର୍କାରୀ ଅନୁଦାନ୍ ପାଉଥିବା ଆର୍ ବେସର୍କାରୀ ସ୍କୁଲ୍‌ମାନ୍‌କେ ଆଏବା ଜୁନ୍ ୧୫ ତାରିଖ୍‌ତକ୍ ଛୁଟି ଘୋଷ୍‌ନା କରିଛନ୍ ବଲି ସାମାଜିକ୍ ଗଣମାଧ୍ୟମ୍‌ଥି ପ୍ରଚାର୍ ହେଉଛେ । ଇ ଖବର୍‌କେ ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ଖଣ୍ଡନ୍ କରିକରି ସ୍ୱଷ୍ଟିକରଣ୍‌ଥି କହିଛେ ଯେ, ଖରାଲାଗି ଆଏଜ୍‌ତକ୍ ଛୁଟି ଘୋଷ୍‌ନା କରାଯାଇଛେ । ଇତାକେ ବଢ଼ାବାର୍ ଲାଗି ସର୍କାର୍‌ଙ୍କର୍ ତର୍‌ଫୁ କେନ୍‌ସି ପ୍ରକାର୍ ନିଷ୍ପତି ନୁହେ ନିଆଯାଏ ।

ୟୁଜିସି- ନେଟ୍ - ଜୁନ୍ ସେସନ୍ ୨୦୨୪ ଆର୍‌ଏନ୍‌ୟୁ / ସମ୍ବଲପୁର

ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ- ୟୁଜିସି ତର୍‌ଫୁ କରାଯାଉଥିବାର୍ ୟୁଜିସି- ନେଟ୍ - ଜୁନ୍ ସେସନ୍ ୨୦୨୪ ଲାଗି ଛାତ୍ରଛାତ୍ରୀମାନେ ଆଏଜ୍‌ଠାନୁ ଆବେଦନ୍ କରିପାର୍‌ବେ । ଇ ବାବ୍‌ଦେ ଏନ୍‌ଟିଏର ୱେବ୍‌ସାଇଟ୍‌ଥି ପୁରା ବିବରଣୀ ମିଳିପାର୍‌ବା ବଲି ୟୁଜିସି ଅଧ୍ୟକ୍ଷ ଏମ୍. ଜଗଦେଶ୍ କୁମାର୍ ସାମାଜିକ୍ ଗଣମାଧ୍ୟମ୍ ଏକ୍ସ୍‌ଥି ସୂଚ୍‌ନା ଦେଇଛନ୍ । ସେ କହିଛନ୍ ଯେ, ୪

ବର୍ଷିଆ ସ୍ନାତକ ପଢୁଥିବା ଶେଷ୍ ବଚ୍ଛରର୍ ୮ ନମ୍ବର୍ ସେମିଷ୍ଟାର୍ ଛାତ୍ରଛାତ୍ରୀମାନେ ୟୁଜିସି- ନେଟ୍ ଆବେଦନ୍ କରିପାର୍‌ବେ ।

ଫାର୍ମାସିଷ୍ଟ- ଲେବ୍‌ରେଟୋରୀ ଟେକ୍ନିସିଆନ ତାଲିମ୍ କର୍ମଶାଳା

ସୂଚନା ଓ ଲୋକସମ୍ପର୍କ ବିଭାଗ୍

ରାଜ୍ୟ ବୀମା ଯୋଜ୍‌ନା ଡାକ୍ତର୍‌ଖାନାମାନ୍‌କେ କାମ୍ କରୁଥିବା ଫାର୍ମାସିଷ୍ଟ ଆର୍ ଲେବ୍‌ରେଟୋରୀ ଟେକ୍ନିସିଆନ୍ ମାନ୍‌କର୍ ୨ ଦିନିଆ ତାଲିମ୍ କର୍ମଶାଳା ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ଉଦ୍‌ଘାଟିତ୍ ହେଇଯାଇଛେ । ଶ୍ରମ ବିଭାଗ୍ କମିଶନର୍ ଆଉ ଶାସନ୍ ସଚିବ ଆର୍.ଏସ୍. ଗୋପାଲନ୍ ଇଟାକେ ଉଦ୍‌ଘାଟନ୍ କରିଥିଲେ । ଇ କର୍ମଶାଳାଥି ୩୬ ଝନ୍ ଫାର୍ମାସିଷ୍ଟ ଆର୍ ଲେବ୍‌ରେଟୋରୀ ଟେକ୍ନିସିଆନ୍ ଯୋଗ୍ ଦେଇଛନ୍ । ଇ କର୍ମଶାଳା ୨ ଦିନ୍‌ତକ୍ ଚାଲ୍‌ବା ।

ଶ୍ରୀ ଶ୍ରୀ ଲିଙ୍ଗରାଜ ଆର୍‌ଏନ୍‌ୟୁ / ସମ୍ବଲପୁର

ଚୈତ୍ ମାସର୍ ପବିତ୍ର ଦ୍ୱାଦଶୀ ତିଥିଥି ପ୍ରଭୁ ଶ୍ରୀ ଶ୍ରୀ ଲିଙ୍ଗରାଜ ଆଏଜ୍ ରାମେଶ୍ୱର୍‌ନୁ ନିଜର୍ ମନ୍ଦିର୍‌କେ ଫିର୍‌ବେ । ଦିନର୍ ୧

ବଜେ ପହଣ୍ଡି ଆର୍ ସାଢ଼େ ୩ ବଜେ ରଥ୍‌ଘିଚା ମୁଲ୍ ହେବା ବଲି ମନ୍ଦିର୍ ପ୍ରଶାସନ୍ ତର୍‌ଫୁ କୁହାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ପ୍ରଭୁ ଶ୍ରୀଲିଙ୍ଗରାଜ, ଦୋଲଗୋବିନ୍ଦ, ଆଉ ବହେନ୍ ରୁକୁଣୀଙ୍କୁ ସାଙ୍ଗ ନେଇକରି ଗଲା ଅଶୋକାଷ୍ଟମୀ ଦିନ ରାମେଶ୍ୱର୍ ମନ୍ଦିର୍ ଯାତ୍ରା କରିଥ୍‌ଲେ୍ ।